## ଜାଲରେ ପଡ଼ିଲା ୬ଫୁଟର ଅଜଗର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ଗ୍ରାମ ବୈତରଣୀ ନଦୀର ସିନ୍ଦୁରି ଗୌରୀ ଘାଟରେ ମାଛ ଧରିବା ପାଇଁ ବସା ଯାଇଥିବା ଏକ ଫାଶୀ ଜାଲରେ ୬ ଫୁଟ ଲମ୍ବର ଏକ ଅଜଗରକୁ ସୋମବାର ସକାଳୁ ଉଦ୍ଧାର କରାଯାଇଛି। ନଦୀରେ ମାଛ ଧରିବା ପାଇଁ ଲୋଚନ ଦାସ ଫାଶୀ ଜାଲ ବସାଇଥିଲେ। ଜାଲରେ ସାପଟି ଫଶି ରହିଥିବା ଦେଖି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଟିମ୍ ପହଞ୍ଚି ୧ ଘଣ୍ଟା ପରିଶ୍ରମ ପରେ ଜାଲକୁ କାଟି ସାପକୁ ଉଦ୍ଧାର କରି ଅଟେଇ ସଂରକ୍ଷିତ ବଣମହୁଲଡିହା ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ସଂକ୍ଷେପରେ

## ବଳାତ୍କାର ଅଭିଯୋଗରେ ଗିରଫ

ବୈଶିଙ୍ଗା, ୨୫।୧(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ସମ୍ପର୍କୀୟ ଦିଅରଙ୍କୁ ଗିରଫ କରିଛି। ମହିଳାଙ୍କ ସ୍ୱାମୀ ଦୀର୍ଘ ଦିନ ଧରି ରୋଗଗ୍ରସ୍ତ ଥିବାରୁ ସେ ଅନେକ ସମୟରେ ବିଭିନ୍ନ କାର୍ଯ୍ୟ ଲାଗି ତାଙ୍କ ସମ୍ପର୍କୀୟ ଦିଅରଙ୍କ ଉପରେ ନିର୍ଭର କରୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତଜଣକ ଅନ୍ୟମାନଙ୍କ ଅନୁପସ୍ଥିତିରେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ମାମଲା (ନଂ.୨୩/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## କୁକୁଡ଼ା ବୋଝେଇ ପିକ୍ଅପ୍ ଓଲଟିଲା

ଢେଙ୍କିକୋଟ,୨୫।୧(ଡି.ଏନ.ଏ.)-କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ ନଂ କପାସପଡ଼ା ଗ୍ରାମ ନିକଟରେ ସୋମବାର ପୂର୍ବାହ୍ନ ୮ଟା ବେଳେ ଏକ ବ୍ରଏଲର କୁକୁଡା ବୋଝେଇ ପିକଅପ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଓଲଟି ପଡ଼ିଥିଲା। ଭ୍ୟାନ ଭିତରେ ଥିବା ଲକ୍ଷାଧିକ ଟଙ୍କାର କୁକୁଡ଼ା ମୃତ୍ୟୁବରଣ କରିଛନ୍ତି। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା, ଏଏସଆଇ ଭାରତ ଚନ୍ଦ୍ର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପାଖଗ୍ରାମର ଲୋକମାନେ ମାରି ପଡିଥିବା କୁକୁଡ଼ା କୁ ବୋହି ନେଇଯାଇଥିଲେ । ଗାଡ଼ିରେ ଥିବା ଡ୍ରାଇଭର ସମେତ ୩ଜଣ ସୁରକ୍ଷିତ ଅଛନ୍ତି। ଗାଡିଟି କଟକରୁ ବ୍ରଏଲର କୁକୁଡ଼ା ନେଇ ଝାଡ଼ଖଣ୍ଡ ଟାଟା ନଗରକୁ ଯାଉଥିଲା। ଦ୍ରୁତ ଗତି ଥିବାରୁ ଗାଡ଼ିଟି ଓଲଟି ପଡ଼ିଥିବା ପୋଲିସ କହିଛି।

## ଅପହୃତା ନାବାଳିକା ଉଦ୍ଧାର

ପଦ୍ମପୁର, ୨୫।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଷଠୀ ଅଞ୍ଚଳର ଅପହୃତା ନାବାଳିକାଙ୍କୁ ସୋମବାର ପୋଲିସ ସାବରଙ୍ଗ ଥାନା ଅଧୀନ ବାରିକଛକ ଅଞ୍ଚଳରୁ ଉଦ୍ଧାର କରିଛି। ବାସୁଦେବପୁର ଥାନା ପୋଲିସ ନାବାଳିକାଙ୍କ ବୟାନ ମାଜିଷ୍ଟ୍ରେଟଙ୍କ ଆଗରେ ରେକର୍ଡ଼ ପାଇଁ ଦେବା ପୂର୍ବରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଇଥିଲା। ସେଠାରେ ନାବାଳିକା ଜଣଙ୍କ କରୋନା ପଜିଟିଭ୍ ଥିବା ଜଣାପଡ଼ିଥିଲା। ପୋଲିସ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୧୫ଦିନ ପରେ ଡାକ୍ତରୀ ପରୀକ୍ଷା କରାଯାଇ ନାବାଳିକାଙ୍କ ବୟାନ ରେକର୍ଡ଼ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଚିତ୍ତରଞ୍ଜନ ଦାସ କହିଛନ୍ତି। ସୂଚନାଯୋଗ୍ୟ ଯେ, ନାବାଳିକା ଅପହରଣ ହୋଇଥିବା ନେଇ ଗତ ନଭେମ୍ବର ୨୮ରେ ଥାନାରେ ଅଭିଯୋଗ ହେବା ପରେ ମାମଲା(ନଂ.୩୧୮/୨୦) ରୁଜୁ ହୋଇଥିଲା। ହେଲେ ଦୁଇମାସ ବିତିବାକୁ ବସିଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ନ ଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୋଲିସ ଘଟଣାର ଛାନ୍ଭିନ୍ କରୁଥିଲା।

## ବିରଳ ବାଛୁରୀ ଜନ୍ମ

ଆରଡ଼ି, ୨୫।୧(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ଗାଁରେ ଏକ ବିରଳ ବାଛୁରୀ ଜନ୍ମ ହୋଇଛି। ଗ୍ରାମର ଜଗବନ୍ଧୁ ମହାଳିକଙ୍କ ଗାଈ ରବିବାର ଏହି ବାଛୁରୀକୁ ଜନ୍ମ ଦେଇଛି। ବାଛୁରୀର ଅନ୍ୟ



ସମସ୍ତ ଶାରିରିକ ଅଂଶ ଠିକ୍ ଥିବାବେଳେ ନାକର ଉପରି ଭାଗରେ ଗୋଟିଏ ମାତ୍ର ଆଖି ରହିଛି। ପାଟି ବାହାରକୁ ଜିଭ ବାହାରିଛି। କେହି କେହି ଏହାକୁ ଅପରିପକ୍ୱ ବାଛୁରୀ କହୁଥିବା ବେଳେ ଆଉ କେହି ଭୁତ ବାଛୁରୀ ବୋଲି କହୁଛନ୍ତି। ବାଛୁରୀଟି ମା'ଠାରୁ କ୍ଷୀର ଖାଇପାରୁ ନ ଥିବାରୁ ଘର ଲୋକେ ଚାମଚରେ ପିଆଇ ଦେଉଛନ୍ତି। ତେବେ ବାଛୁରୀଟି ଗୋଡ଼ ଭିଡ଼ି ଠିଆ ହୋଇପାରୁ ନାହିଁ। ହଜାରରେ ଗୋଟିଏ ଏଭଳି ବାଛୁରୀ ଜନ୍ମ ହୋଇଥାନ୍ତି ଓ ସପ୍ତାହକ ମଧ୍ୟରେ ମୃତ୍ୟୁମୁଖରେ ପଡ଼ନ୍ତି ବୋଲି ଧାମନଗର ପ୍ରାଣୀଧନ ଚିକିତ୍ସାଧିକାରୀ ନିରାକାର ଜେନା କହିଛନ୍ତି।

# ୨୦୨୨ ସୁଦ୍ଧା ବଦଳିବ ଷ୍ଟେଶନ ରୂପରେଖ

### ରୂପ୍ସା ଜଙ୍କସନ୍ ଫୁଟ ଓଭରବ୍ରିଜ, ହଳଦୀପଦା ହାଇ ଲେଭଲ ପ୍ଲାଟଫର୍ମ ଉଦ୍ଘାଟିତ

ରୂପସା,୨୫।୧(ଡି.ଏନ.ଏ.)

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲାର ରୂପସା ରେଳ ଜଙ୍କସନ୍ ନୂତନ ଫୁଟ ଓଭରବ୍ରିଜ୍ ସମ୍ପ୍ରସାରଣ ଓ ହଳଦୀପଦା ଷ୍ଟେଶନ ହାଇଲେଭଲ ପ୍ଲାଟଫର୍ମ ସୋମବାର ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଭୟ ପ୍ରକଳ୍ପକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ, ଅତିଥି ଆର୍ଏମ ମନୋରଞ୍ଜନ ପ୍ରଧାନ, ସିନିୟର ଡିଭିଜିନାଲ ଅପରେଶନ ମ୍ୟାନେଜର ସୁଚେନ୍ଦ୍ର କୁମାର ବର୍ମା, ସିନିୟର ସିକ୍ୟୁରିଟି କମିଶନର ବିବେକାନନ୍ଦ ନାରାୟଣ, ଡିପିଓ ଶ୍ରୀରାଜା ପ୍ରମୁଖ ମଞ୍ଚାସୀନ ଥିଲେ। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରେଳବାଇ ବିକାଶ କ୍ଷେତ୍ରରେ ସୁବର୍ଣ୍ଣ ଯୁଗ ଆସିଛି। ୨୦୨୨ ସୁଦ୍ଧା ବାଲେଶ୍ୱର ଓ ଖଡ଼ଗପୁର ମଧ୍ୟରେ ଥିବା ସମସ୍ତ ରେଳ ଷ୍ଟେଶନର




ଉଦ୍ଘାଟନ ସମାରୋହରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସ୍ୱରୂପ ଦାସ ଓ ଅନ୍ୟମାନେ।

ରୂପରେଖ ବଦଳିବ। କେନ୍ଦ୍ର ସରକାର ଉଭୟ ଷ୍ଟେଶନ ଉନ୍ନତିକରଣରେ ୩କୋଟି ଟଙ୍କା ବ୍ୟୟ କରିଛନ୍ତି। ରୂପ୍ସାରୁ ବାଙ୍ଗିରିପୋଷି ଷ୍ଟେଶନ ପର୍ଯ୍ୟନ୍ତ ଇଲେକ୍ଟ୍ରିଫିକେଶନ ମାଧ୍ୟମରେ ରେଳ ଚଳାଚଳ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୨୦କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ସେ କହିଥିଲେ। ଚିଫ କମର୍ସିଆଲ ମ୍ୟାନେଜେର ସୁମିତା ସାହୁ ଓ କମର୍ସିଆଲ ମ୍ୟାନେଜର ଚଇତାଳି ବାନାର୍ଜୀ ମଞ୍ଚ ପରିଚାଳନା କରିଥିଲେ। ଡିଆରଏମ୍ ମନୋରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଡିଭିଜନାଲ ଇଞ୍ଜିନିୟର ସୌରଭ ରାଜ, ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୀଷ କୁମାର, ଚିଫ୍ ୱେଲ ଫେୟାର ଇନ୍ସପେକ୍ଟର ରତ୍ନାକର ପଣ୍ଡା, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ ଦତ୍ତଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଷ୍ଟେଶନ ମ୍ୟାନେଜର, ରୂପ୍ସା ଆଞ୍ଚଳିକ ବିକାଶ ପରିଷଦ ଓ ହଳଦୀପଦା ପ୍ରଗତିମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଭାଜପା କର୍ମୀଙ୍କ ପ୍ରତିବାଦ, ଡିଆରଏମ୍ କ୍ଷମା ମାଗିଲେ

ରୂପସା ଓ ହଳଦୀପଦାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବ ମଞ୍ଚରେ ଲାଗିଥିବା ବ୍ୟାନରରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଫଟୋ ନ ଥିଲା। ଏହାକୁ କେନ୍ଦ୍ର କରି ସଭା ଆରମ୍ଭରୁ ଭାଜପା କର୍ମୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାର ସ୍ପଷ୍ଟୀକରଣ ଦେବାକୁ ଡିଆରଏମ୍‌ଙ୍କୁ ପ୍ରତିବାଦ ଜଣାଇଥିଲେ। ଖୁବ କମ୍ ସମୟ ମଧ୍ୟରେ କାର୍ଯ୍ୟକ୍ରମ ସ୍ଥିର ହୋଇଛି ଓ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ରଣାଳୟ ତରଫରୁ ମଞ୍ଚ ବ୍ୟାନରରେ ଫଟୋ ଲଗାଯିବାର ଅନୁମତି ମିଳି ନ ଥିଲା ବୋଲି ଡିଆରଏମ୍ କହିଥିଲେ । ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ସେ କ୍ଷମା ମାଗିଥିଲେ।

# ବାଉଁଶ କାରିଗରି ପ୍ରଦର୍ଶନୀ



ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବାଉଁଶ କାରିଗର ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ,୨୫।୧

ବାଲେଶ୍ୱର ଜିଲା ରେମୁଣା ନୂଆ ପରିବା ହାଟ ନିକଟରେ ବାଉଁଶ କାରିଗରି ପ୍ରଦର୍ଶନୀ ଉଦ୍ଘାଟିତ ହୋଇଛି। ଶିଳ୍ପୀ କେଶୁ ଦାସ ଏହାକୁ ପରିଚାଳନା କରିଥିଲେ। ରେମୁଣା ତହସିଲଦାର ଚାର୍ଲସ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିବା ସହ ଏଠାରେ ଏକ ନୂଆ ପରମ୍ପରା ଦେଖିବାକୁ ମିଳିଛି ବୋଲି କହିଥିଲେ। ଏହି ପ୍ରଦର୍ଶନୀରେ ବାଉଁଶରେ ତିଆରି ବିଭିନ୍ନ ପ୍ରକାର ଘରୋଇ ସାମଗ୍ରୀ ପ୍ରଦର୍ଶିତ ହୋଇଛି। କିଣାବିକା ଭଲ ହେଲେ ଏଠାରେ ସବୁଦିନ ପାଇଁ ଏକ ବାଉଁଶ କାରିଗରି ହାଟ ବସାଯିବା ନେଇ ଚେଷ୍ଟା କରିବେ ବୋଲି ତହସିଲଦାର ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଥାଉକି, କିଛିଦିନ ପୂର୍ବରୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଢୁମଧାମରେ ଅବହେଳିତ ଅବସ୍ଥାରେ ଥିବା ଉକ୍ତ ବାଉଁଶ କାରିଗରଙ୍କୁ ସହାୟତା ଯୋଗାଇଥିଲେ। କାରିଗରଙ୍କ ଉତ୍ସାହ ଓ ସ୍ୱେଚ୍ଛାସେବୀଙ୍କ ପ୍ରଚେଷ୍ଟାରେ ଆୟୋଜିତ ପ୍ରଦର୍ଶନୀରେ ଗୁଡୁଦା ଓ ହଳଦୀପଦା ଅଞ୍ଚଳର ବାଉଁଶ କାରିଗରମାନେ ଯୋଗ ଦେଇଛନ୍ତି। ପ୍ରଦର୍ଶନୀର ପ୍ରାରମ୍ଭରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବାଉଁଶ କାରିଗର ବାଇଧର କାଳନ୍ଦୀ, ହଳଦୀପଦାର ବିଜୟ ରଙ୍ଗ, ଜୟନ୍ତୀ ଘଡ଼େଇ, ପ୍ରତାପ ଘଡ଼େଇ ଓ ଗୁଡୁଦାର ମନୋରଞ୍ଜନ ଘଡ଼େଇ, ହରିଶ୍ଚନ୍ଦ୍ର ମହୁରିଆଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସେବାୟ ଫାଉଣ୍ଡେଶନର ସୁଜିତ ମୁଖାର୍ଜୀ, ବଣଧୂଳିର ଫୁଲର ବିଜୟ ଆଚାର୍ଯ୍ୟ, ଅବଦୁଲ କଲାମ ସଙ୍ଗଠନର ଶେଖ୍ ସହିଲ, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ମୁଖୀ, ୱାର୍ଡ଼ମେମ୍ବର ଜୟନ୍ତୀ ବିଶ୍ୱାଳ, ମେଡିକାଲ କ୍ରିୟାନୁଷ୍ଠାନର କର୍ମକର୍ତ୍ତା ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା ଓ ସତ୍ୟନାରାୟଣ ରଣା ଉପସ୍ଥିତ ଥିଲେ।

## ଧାନ ବିକ୍ରି ନ ହେବାରୁ ଚାଷୀଙ୍କ ରାଜପଥ ଅବରୋଧ

ପାଟଣା,୨୫।୧(ସ୍ୱ.ପ୍ର.)

ପାଟଣା ବ୍ଲକର ଶତାଧିକ ଚାଷୀ ସୋମବାର ୪୯ ନମ୍ବର ଜାତୀୟ ରାଜପଥର ବାଉଁଶୁଳି ଛକଠାରେ ଦିନ ୨ଟାରୁ ବସି ଆନ୍ଦୋଳନ ଜାରି ରଖିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟକ ଯାନବାହାନ ଅଟକି ରହିଥିଲା। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ରାଜନଗର ସମବାୟ ସମିତି ଅନ୍ତର୍ଗତ ଯମୁନାପଶି ଲ୍ୟାମ୍ପରେ ଧାନ ବିକ୍ରି କରିବାକୁ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ନିଜ ନିଜର ଧାନକୁ ବିକ୍ରି କରିବାକୁ ସୋମବାର ପହଞ୍ଚିଥିଲେ। ହେଲେ ପରେ ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କିଣିବାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତାଷ ପ୍ରକାଶ ପାଇଥିଲା। ଫଳରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିବା ଉତ୍ୟକ୍ତ ଚାଷୀ ଜାତୀୟରାଜପଥ ଦୀର୍ଘ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅବରୋଧ କରିଥିଲେ। ଚମ୍ପୁଆ ଏସ୍‌ଡିପିଓ ଦିଲୀପ କୁମାର ବାଗ୍ ଓ ରାଜନଗର ସମବାୟ ସମିତି ଶାଖା ପରିଚାଳକ ଜିତେନ୍ଦ୍ରକୁମାର ସିଂ ପହଞ୍ଚି ଚାଷୀ ମାନଙ୍କ ଧାନ କିଣାଯିବାର ପ୍ରତିଶ୍ରୁତି ଦେବାପରେ ସନ୍ଧ୍ୟାରେ ଚାଷୀ ରାସ୍ତା ଅବରୋଧରୁ ଉଠିଛନ୍ତି। ଚାଷୀଙ୍କ ଏହି ଆନ୍ଦୋଳନ ସହ ଅଲ ଇଣ୍ଡିଆ କୃଷକ ସଙ୍ଗଠନ ଜିଲା ସମ୍ପାଦକ ବେଣୁଧର ସର୍ଦ୍ଦାର , ଜିଲା ଯୁବ ମୋର୍ଚ୍ଚା ଭାଜପା ସଭାପତି ହେମରଞ୍ଜନ ବାରିକ ,ଭାଜପା ନେତା ସତ୍ୟବ୍ରତ ନାଏକ ଓ ଯମୁନା ପଶି ପଞ୍ଚାୟତ କୃଷକ ସାଥୀ ପୂର୍ଣ୍ଣ ଚନ୍ଦ୍ର ନାଏକ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## 'ସହଜରେ ମିଳିବ ଇଲେକ୍ଟୋରାଲ ଭୋଟର ପରିଚୟପତ୍ର'

ପଦ୍ମପୁର, ୨୫।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବିଡିଓ ପ୍ରଣବ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ସହକାରୀ ଯନ୍ତ୍ରୀ ସୁବାସ ତରାଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲିପିପୁଷ୍ପା ଦାସ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଜୀବନଜ୍ୟୋତି ପାଣିଗ୍ରାହୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏବେଠାରୁ ସୁବିଧାରେ ମିଳିବ ଇଲେକ୍ଟୋରାଲ ଭୋଟର ପରିଚୟପତ୍ର। ଭୋଟ୍ ଦାତାମାନେ ଫଟୋ ପରିଚୟପତ୍ର ଇଣ୍ଟରନେଟରୁ ସହଜରେ ଡାଉନଲୋଡ୍ କରିପାରିବେ ବୋଲି ବିଡିଓ କହିଥିଲେ। ଚଳିତବର୍ଷ ନୂତନ ଭାବେ ଭୋଟ ଦେବା ପାଇଁ ସ୍ୱୀକୃତ ଭୋଟରମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

## କନ୍ୟା ସନ୍ତାନର ସୁରକ୍ଷା ପାଇଁ ସାମୂହିକ ଶପଥ

ବାଲେଶ୍ୱର ଅଫିସ,୨୫।୧

ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମହିଳା ଆରୋଗ୍ୟ ସମିତି ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଏକ ସଚେତନତା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ନାରୀ ସଂଘର ସମ୍ପାଦିକା ଅପର୍ଣ୍ଣା ମହାପାତ୍ର ଯୋଗଦେଇ ଶିଶୁ କନ୍ୟା ଅମୂଲ୍ୟ ରତ୍ନ, କନ୍ୟା ଭ୍ରୁଣ ହତ୍ୟା ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ କହିଥିଲେ। ଅନ୍ୟତମ ଅତିଥି ସମାଜସେବୀ ଯାଦବେଶ ମିଶ୍ର ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ତଥା ସୁକନ୍ୟା ସମୃଦ୍ଧି ଯୋଜନା, ବେଟି ବଚାଅ, ବେଟି ପଢ଼ାଅ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଶେଷରେ କନ୍ୟା ସନ୍ତାନର ସୁରକ୍ଷା ପାଇଁ ଉପସ୍ଥିତ ମହିଳାମାନେ ସାମୂହିକ ଭାବେ ଶପଥ ନେଇଥିଲେ।

## ଜିଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ

ବାରିପଦା ଅଫିସ,୨୫।୧

ବାରିପଦା ଲାଲବଜାରସ୍ଥିତ ପ୍ରାଥମିକ ଶିକ୍ଷକ ଭବନଠାରେ ମୟୂରଭଞ୍ଜ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘର ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମିୟ କୁମାର ଦାସ, ମହିଳା ଫୋରମ ସଂଯୋଜିକା ସୁଚିତ୍ରା ଦାସ, ଉପସଭାନେତ୍ରୀ ସଙ୍ଗୀତା ଦାଶ, ସଂଯୋଜିକା ଚାରୁଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରଥିଲେ। ସମସ୍ତ ବ୍ଲକର ସଭାପତି, ସମ୍ପାଦକ ଓ ଜିଲାପରିଷଦ ସଭ୍ୟମାନେ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ସଂଘ ମଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ପରେ ସମସ୍ତ ସଦସ୍ୟଙ୍କ ମତାମତ ଅନୁଯାୟୀ ବିନା ପ୍ରତିଦ୍ୱନ୍ଦିତାରେ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଏହି କ୍ରମରେ ସଭାପତି ଭାବେ ଆରତ କୁମାର ପରିଡ଼ା, ଉପସଭାପତି ରଞ୍ଜନ କୁମାର ବାରିକ, ଉପସଭାନେତ୍ରୀ ଗାୟତ୍ରୀ ବେହେରା, ସାଧାରଣ ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ, ସଙ୍ଗଠନ ସମ୍ପାଦକ ବଳରାମ ନାଥ, ଯୁଗ୍ମ ସମ୍ପାଦକ ସତୀଶ ମହାନାୟକ, ଗଣେଶ୍ୱର ସାହୁ, ଶିବଶଙ୍କର ଅଧିକାରୀ, ସଂଯୋଜକ ସୁନୀଲ କୁମାର ବୋଦ୍ ଓ କୋଷାଧ୍ୟକ୍ଷ ଭାବେ ଅଞ୍ଜନ କୁମାର ପାତ୍ର ନିର୍ବାଚିତ ହୋଇଛନ୍ତି । ଏତଦ୍ବ୍ୟତୀତ ଜିଲା ସଂଘର ପରାମର୍ଶଦାତା ଭାବେ ଶମ୍ଭୁନାଥ ପାଣି, ଜୟନ୍ତ ପଟ୍ଟନାୟକ, ଶିବପ୍ରସାଦ ମହାପାତ୍ର, ରାମକୃଷ୍ଣ ସାହୁ ଓ ଶାନ୍ତିଲତା ଦାସଙ୍କୁ ମନୋନୀତ କରାଯାଇଥିଲା। ବିମଳ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆରତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବିବାହ ବନ୍ଧନରେ ୫ ଯୋଡ଼ି



ଗଣବିବାହରେ ଉପସ୍ଥିତ ଥିବା ବରକନ୍ୟା।

ବାରିପଦା ଅଫିସ,୨୫।୧

ତ୍ରିବେଣୀ ଯୁବ ଜନକଲ୍ୟାଣ ପରିଷଦ ପକ୍ଷରୁ ବାରିପଦା ସତ୍ୟନାରାୟଣ ମନ୍ଦିର ପରିସରରେ ଗଣବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୫ ଯୋଡ଼ି ଗରିବ ଅସହାୟ ବରକନ୍ୟାଙ୍କ ବିବାହ ସମ୍ପନ୍ନ ସଙ୍ଗଠନ ତରଫରୁ ନିଃଶୁଳ୍କ ଭାବେ କରାଯାଇଛି। ମା' ଅମ୍ବିକା ମନ୍ଦିରଠାରୁ ବରକନ୍ୟା ପକ୍ଷମାନେ କଳସ ଶୋଭାଯାତ୍ରାରେ ଯାଇ ସତ୍ୟନାରାୟଣ ମନ୍ଦିର ନିକଟରେ ପହଞ୍ଚିଥିଲେ। ରୀତିନୀତି ଅନୁଯାୟୀ ପୁରୋହିତଙ୍କ ମାଧ୍ୟମରେ ବିବାହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଜୟନ୍ତ ଦିଗାର ଓ କମଳ କିଶୋର ବନାନୀ ବରକନ୍ୟାମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଯୁବ ଜନକଲ୍ୟାଣ ସଙ୍ଗଠନର ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ଆଶିର୍ବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସନାତନ ଦାସ, ଅନୁପ କର, ସୁବ୍ରତ ସିଂହ, ରାଜେଶ ଦାସ, ସୁମନ ଦାସ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଗୟାପ୍ରସାଦ ଖଣ୍ଡେଲୱାଲ, ଶମ୍ଭୁଦୟାଲ ଖଣ୍ଡେଲୱାଲ, ନରେଶ ଖୁରାନା, ଅରୁଣ ସାହୁ, ସୁଧାଂଶୁ ଶେଖର ମହାନ୍ତି ଓ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦିମୁଠା ଖାଇବାପାଇଁ ସଂଘର୍ଷ

ଚମ୍ପୁଆ,୨୫।୧(ଡି.ଏନ.ଏ.)

ସରକାରୀ ସହାୟତାରୁ ବଞ୍ଚିତ ନିରାଶ ମୁଣ୍ଡା। ବୟସାଧିକ ହେବାରୁ ବାର୍ଦ୍ଧକ୍ୟ ତାଙ୍କୁ ଗ୍ରାସ କଲାଣି। ପର ଲୋକଙ୍କ ଗୋରୁ ଚରାଇଲେ ପେଟକୁ ଦିମୁଠା ଖାଦ୍ୟ ମିଳୁଛି। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ହୁଡିସାହିରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଏହି ଆଦିବାସୀ ଗାଁର ନିରାଶ ମୁଣ୍ଡା ଯୋଗ୍ୟ ହିତାଧିକାରି ହୋଇଥିଲେବି ତାଙ୍କ ପାଖରେ କୌଣସି ସରକାରୀ ଯୋଜନା ପହଞ୍ଚିପାରିନି। ସୂଚନା ଅନୁସାରେ ରଜିଆ, ସ୍ୱାମୀଙ୍କ ମୃତ୍ୟୁ ପରେ ପ୍ରାୟ ୨୦ ବର୍ଷ ହେବ ସେ ବାପ ଘରକୁ ଫେରିଆସିଥିଲେ। ସେହି ଦିନ ଠାରୁ ସେ ପେଟ ପୋଷିବା ପାଇଁ ସ୍ଥାନୀୟ ଲୋକଙ୍କ ଗୋରୁ ଚରାଇବା କାମକୁ ଆଦରିନେଇଥିଲେ। ବୟସ ପ୍ରାୟ ୬୦ହୋଇଥିବାବେଳେ ଶାରିରୀକ ଅସୁସ୍ଥତା ତାଙ୍କ କଷ୍ଟକୁ ଦୁଇଗୁଣ ବଢ଼ାଇଦେଇଛି। ଭତ୍ତା, ଆବାସ ଓ ଖାଉଟି ସୁରକ୍ଷା ଯୋଜନା ନିରାଶଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଭଙ୍ଗା ଦଦରା ଘରେ ଦିନକଟୁଛି। ଏପରିକି ଏହି



ଅସହାୟ ନିରାଶ ମୁଣ୍ଡା।

ନିରୀହ ଆଦିବାସୀ ମହିଳାଙ୍କ ଭୋଟର ଓ ଆଧାର କାର୍ଡ ନଥିବା ସେ ସୂଚନା ଦେଇଛନ୍ତି। ଏନେଇ ରଜିଆ ସରପଞ୍ଚ ଜୟକିଶୋରୀ ନାଏକଙ୍କୁ ପଚାରିବାରୁ ମୁଁ ନିଜେ ଯାଇ ନିରାଶଙ୍କ ପାଖରେ ଥିବା କାଗଜ ପତ୍ର ଦେଖିବା ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଭାଇଚାରାର ପରମ୍ପରା 'ଜୁଗିନୀଗିଡି'

ବାରିପଦା ଅଫିସ,୨୫।୧

ଭାରତୀୟ ସଂସ୍କୃତିର ଆଦି ନିର୍ମାତା ଭାବେ ଆଦିବାସୀମାନେ ନିଜ ସଂସ୍କୃତି ଓ ପରମ୍ପରାକୁ ଜାବୁଡ଼ି ଧରିଥାନ୍ତି। ଏହାମଧ୍ୟରେ 'ଜୁଗିନୀଗିଡି' ହେଉଛି ସେମାନଙ୍କର ଅନନ୍ୟ ଏକ ପରମ୍ପରା। ଏହି ପରମ୍ପରାରେ ରହିଛି ଭାଇଚାରା, ସ୍ୱଚ୍ଛତା, ସାମାଜିକ ଚଳଣୀ ଓ ପରିବେଶ ସୁରକ୍ଷାର ବାର୍ତ୍ତା। ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ଦେବେନ୍ଦ୍ରପୁର ଓ ରଙ୍ଗାମାଟିଆ ଅଞ୍ଚଳର ଆଦିବାସୀମାନେ ରବିବାର ଏହାକୁ ପାଳନ କରିଛନ୍ତି। ବଡ଼ିଭୋରରୁ ଉଠି ପ୍ରତ୍ୟେକ ପରିବାରରୁ ପୁରୁଷମାନେ ଘରର ଅଦରକାରୀ ସାମଗ୍ରୀ(ଧାଡ୍ରା)କୁ ଦଉଡ଼ିରେ ବାନ୍ଧି ଟାଣି ଟାଣି ନେଇ ଗାଁରୁ ବାହାର କରି ଦେଇଛନ୍ତି। ଦେବେନ୍ଦ୍ରପୁର ଓ ରଙ୍ଗାମାଟିଆ ଗ୍ରାମର ୧୯୦ ପରିବାର ଲୋକ ଏକତ୍ର ହୋଇ ଗାଁ ମୁଣ୍ଡରେ ଥିବା ଜଙ୍ଗଲର ଏକ ଗଛରେ ଏହାକୁ ବାନ୍ଧି ଦେଇଛନ୍ତି। ଗ୍ରାମର ଓଝା ସେହି ଗଛ ମୂଳେ ଜୁଗିନୀକୁ ସିନ୍ଦୂର, ଧୁପ, ଝୁଣା, ଭୋଗ ଲଗାଇ ଏକ କୁକୁଡ଼ା ଚିଆଁକୁ



ଆଦିବାସୀମାନେ ଜୁଗିନୀଗିଡିକୁ ଟାଣି ଟାଣି ଏକ ଜଙ୍ଗଲରେ ବାନ୍ଧିଛନ୍ତି।

ପୂଜା କରି ଛାଡ଼ି ଦିଅନ୍ତି। ଏହି ପରମ୍ପରାକୁ 'ଜୁଗିନୀଗିଡି' ବୋଲି କୁହାଯାଏ।

ଏହି ପରମ୍ପରା ଅନୁଯାୟୀ ବର୍ଷକୁ ଥରେ ଗ୍ରାମର ସମସ୍ତ ଲୋକ ସାମିଲ ହୋଇ ଆଗାମୀ ବର୍ଷ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରନ୍ତି। ଗ୍ରାମର ଲକ୍ଷ୍ମଣ ଟୁଡୁ କହନ୍ତି, ଆଦିବାସୀଙ୍କ ମଧ୍ୟରେ ଥିବା ସାନ୍ତାଳ, ଭୂମିଜ, କୋହ୍ଲ ଏବଂ ହୋ ଜାତି ସମ୍ପ୍ରଦାୟର ଲୋକେ ମକର ସଂକ୍ରାନ୍ତିଠାରୁ ନବବର୍ଷ ପାଳନ କରିଥାନ୍ତି। ଦଶମୀ ପରଦିନ ଏହି ଜୁଗିନୀଗିଡ଼ି ପରମ୍ପରାକୁ ପାଳନ କରାଯାଇଥାଏ। ଲୋକେ ପ୍ରତ୍ୟୁଷରୁ ବାହାରି ଜୁଗିନୀକୁ ଗାଁ ସୀମା ପାର କରି ଏକ ଗଛ ମୂଳେ ବାନ୍ଧି ଦେଇଥାନ୍ତି। ସେଠାରୁ ଫେରିବା ପରେ ଏକ ଜଳାଶୟକୁ ଯାଇ ଶୌଚ ହୋଇ ପରେ ଗାଁ ମୁଣ୍ଡରେ ଥିବା ଏକ ନିଛାଟିଆ ସ୍ଥାନରେ ନାଏକେ ଗଣ ପୂଜା କରିଥାନ୍ତି। ଅପରାହ୍ନରେ ସମସ୍ତ ଗ୍ରାମବାସୀ ଏକଜୁଟ ହେବା ପରେ ବଡ଼ ସଭାରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥାଏ। ଦେବେନ୍ଦ୍ରପୁରର ସୁନାରାମ ମୁର୍ମୁ କହନ୍ତି, ଏହି ଦିନଠାରୁ ନିଜ ଘର କିମ୍ବା କ୍ଷେତ ପାଇଁ ଗଛ କାଟିବାକୁ ଅନୁମତି ମିଳିଥାଏ। ତେବେ ଏହି ପରମ୍ପରା ପାଳନ ପୂର୍ବରୁ ଗ୍ରାମରେ କେହି ଜନ୍ମ ହେଲେ କିମ୍ବା କାହାର ମୃତ୍ୟୁ ଘଟିଲେ, ପରମ୍ପରା ପାଳନ ନେଇ ଦିନ ଧାର୍ଯ୍ୟ କରାଯାଇଥାଏ। ପୂର୍ବପୁରୁଷରୁ ସ୍ୱଚ୍ଛତା ଦିଗରେ ଏଭଳି ପରମ୍ପରା ଚାଲି ଆସୁଛି ବୋଲି ସୁନାରାମ ସୋରେନ ମତ ପ୍ରକାଶ କରିଛନ୍ତି।

## ବିଦ୍ୟୁତ ଯୋଗାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**କେନ୍ଦୁଝର,(ଡି.ଏନ.ଏ.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଫୁଲଝର ପଞ୍ଚାୟତର କେନ୍ଦୁଘାଟୀ ଗମ୍ଭିରାଡିହି ସାହିକୁ ବିଦ୍ୟୁତ୍ ଯୋଗାଣ ପାଇଁ ପଦକ୍ଷେପ ନେବାକୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସାହିକୁ ବିଦ୍ୟୁତ୍ ଯୋଗାଣ ହୋଇ ନ ଥିବାରୁ ଛାତ୍ରୀଛାତ୍ର ପାଠପଢ଼ାରେ ସମସ୍ୟା ଭୋଗୁଛନ୍ତି। କେବଳ ସେତିକ ନୁହେଁ ବିଦ୍ୟୁତ୍ ଅଭାବରୁ ଲୋକେ ଜରୁରୀକାଳୀନ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବୈଶିଙ୍ଗା,୨୫।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୨୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଜୁ ସିଂ। ପୋଲିସ ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ରାଜୁ ଅପହରଣ କରି ନେଇଥିବା ଥାନରେ ଅଭିଯୋଗ ହୋଇଥିଲା। ବୈଶିଙ୍ଗା ଥାନା ପୋଲିସ ତଦନ୍ତ ଚଳାଇ ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସୋମବାର ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି। ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ଦୁଇ ଭାଇ ମାର୍‌ପିଟ୍ ବେଳେ ଶିଶୁ କନ୍ୟା ଜୀବନ ଗଲା

**ରୂପସା, ୨୫।୧(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଓଡ଼ଙ୍ଗୀ ପଞ୍ଚାୟତ ଜୁଣଗଡିଆ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଭାଇଙ୍କ ମଧ୍ୟରେ ପାରିବାରିକ କଳହ ଉଗ୍ରରୂପ ଧାରଣ କରିବା ଫଳରେ ଦେଢ଼ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ପାରିବାରିକ କଳହରୁ ଦୁଇଭାଇଙ୍କର ରବିବାର ମାଡ଼ଗୋଳ ହୋଇଥିଲା। ବଡ ଭାଇ ବାବୁ ନାୟକ ତାଙ୍କ ସାନଭାଇ ସୁଜିତଙ୍କୁ ଏକ ଲାଠି ଦ୍ୱାରା ଆକ୍ରମଣ କରୁଥିବା ସମୟରେ ସୁଜିତଙ୍କ ସ୍ତ୍ରୀ ଶିଶୁ କନ୍ୟାକୁ କାଖେଇ ପଶି ଆସିଥିଲେ। ଫଳରେ ଶିଶୁ କନ୍ୟା ମୁଣ୍ଡରେ ଲାଠି ମାଡ଼ ବାଜିବାରୁ ଘଟଣାସ୍ଥଳରେ ହିଁ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିଲା। ବଡ଼ ଭାଇ ବାବୁ ଏବଂ ତାଙ୍କ ସ୍ତ୍ରୀ ଲତା ଶିଶୁକନ୍ୟାଙ୍କୁ ପିଟି ପିଟି ହତ୍ୟା କରିଥିବା ମୃତ ଶିଶୁ କନ୍ୟାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ସୋମବାର ପୋଲିସ ଏକ ହତ୍ୟା ମାମଲା (ନଂ.୩୭/୨୧)ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତ ଗିରଫ ହୋଇ ନ ଥିବା ଆଇଆଇସି କ୍ଷମା ସାଗର ପଣ୍ଡା ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ ଗିରଫ

**ବାଙ୍ଗିରିପୋଷି,୨୫।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିଶୋଇ ଥାନା ଅନ୍ତର୍ଗତ ଫୁଲଝରା ଗ୍ରାମର ସମରା ସୋରେନ। ପୋଲିସ ସୂଚନା ଅନୁଯାୟୀ, ବାଙ୍ଗିରିପୋଷି ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କ ଗାଁକୁ ଅଭିଯୁକ୍ତ ସମରା ଆସିଥିଲେ। ରବିବାର ରାତିରେ ସେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନିକଟସ୍ଥ ଘଞ୍ଚ ବୁଦା ମଧ୍ୟକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଖବରପାଇ ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସମରାଙ୍କୁ ଥାନାକୁ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଉତ୍ତେଜିତ ଗ୍ରାମବାସୀ ପୋଲିସ ଭ୍ୟାନକୁ ଅଟକ ରଖିଥିଲେ। ବୁଝାସୁଝା ପରେ ଅଟକ ଅଭିଯୁକ୍ତ ଓ ପୋଲିସ ଭ୍ୟାନ୍‌କୁ ଗ୍ରାମବାସୀ ଛାଡ଼ିଥିଲେ। ସୋମବାର ନାବାଳିକାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଅବହେଳିତ ବନ୍ଧଡିହ ବସ୍ତି

**ତେଲକୋଇ, ୨୫।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ସୀମାନ୍ତରେ ରହିଛି ବନ୍ଧଡିହ ନୂଆ ସାହି ବସ୍ତି। ଏହି ବସ୍ତିରେ ଭୂୟାଁ ଜନଜାତିର ୩୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏମାନେ ପାହାଡ଼ ଶିଖରରେ ବାସ କରୁଥିଲେ। ୨୦୦୭ ମସିହାରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ତଳକୁ ଆସିବାପାଇଁ ପାହାଡ଼ ତଳେ ବସ୍ତି ନିର୍ମାଣ କରିଥିଲେ। କିନ୍ତୁ ସେବେଠାରୁ ସେ ଅବହେଳିତ ଅବସ୍ଥାରେ ଅଛନ୍ତି। ମୌଳିକ ସୁବିଧାରୁ ଏପର୍ଯ୍ୟନ୍ତ ବଞ୍ଚିତ ଅଛନ୍ତି। ଗାଁକୁ ରାସ୍ତା ଖଣ୍ଡିଏ ନାହିଁ। କିମ୍ବା ପିଇବା ପାଇଁ ପାଣି ସୁବିଧା ନାହିଁ। ବାରମ୍ବାର ଜିଲାପାଳ, ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସମସ୍ୟାର ସମାଧାନ ହୋଇପାରି ନ ଥିବା ଉକ୍ତ ବସ୍ତିର ୱାର୍ଡମେମ୍ବର ସାଜ ଦେହୁରୀ ପ୍ରକାଶ କରିଛନ୍ତି। ବାଁଶପାଳ ବିଡିଓ ଉଗ୍ରେସନ ଓରାମଙ୍କୁ ପଚାରିବାରୁ ତୁରନ୍ତ ଏହାର ସମାଧାନ ହେବ ବୋଲି କହିଛନ୍ତି।

# କାଳ ହେଲା ଫୋନ୍ କଲ୍

## ହାତଗୋଡ଼ ବନ୍ଧା ଅବସ୍ଥାରେ ସମୁଦ୍ର ବାଲିରୁ ଯୁବକଙ୍କ ମୃତଦେହ ଜବତ

**ବାହାନଗା,୨୫।୧(ଡି.ଏନ.ଏ.)**

ଫୋନ୍ କଲ୍ ପାଇ ଘରୁ ବାହାରି ଯିବା ଜଣେ ଯୁବକଙ୍କ ପାଇଁ କାଳ ହୋଇଛି। ଶନିବାର ରାତି ୯ଟାରୁ ନିଖୋଜ ରହିବା ପରେ ସୋମବାର ଅପରାହ୍ନରେ ହାତଗୋଡ଼ ବନ୍ଧା ଅବସ୍ଥାରେ ତାଙ୍କ ମୃତଦେହ ସମୁଦ୍ର ବାଲିରୁ ଜବତ ହୋଇଛି। ସୁଚିନ୍ତିତ ଭାବେ ତାଙ୍କୁ ହତ୍ୟା କରାଯାଇ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୪/୨୧) ରୁଜୁ କରି ସେହି ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ମୃତକ ହେଲେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତର ଓଷଙ୍ଗ ଗ୍ରାମର ସୁରେନ୍ଦ୍ର ମଲିକଙ୍କ ବଡ଼ପୁଅ ଜୟନ୍ତ।

ପୋଲିସ ସୂଚନା ଅନୁଯାୟୀ, ଫୋନ୍ କଲ ପାଇ ଜୟନ୍ତ ଘରୁ ବାହାରିଯାଇ



ମୃତଦେହ ଦେଖିବା ପାଇଁ ସମୁଦ୍ର କୂଳରେ ଲୋକେ ଭିଡ଼ ଜମାଇଛନ୍ତି।

ଥିଲେ ମଧ ରାତିରେ ଘରକୁ ଫେରି ନ ଥିଲେ। ତାଙ୍କ ସ୍ତ୍ରୀ ପାର୍ବତୀ ଓ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଜୟନ୍ତଙ୍କ ନିଖୋଜ ବାବଦରେ ଗୋପାଳପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ୩ ଯୁବକ ତାଙ୍କୁ ଅପହରଣ କରିନେଇ ଥିବା ଅଭିଯୋଗରେ ଦର୍ଶାଇଥିଲେ। ଗୋପାଳପୁର ଫାଣ୍ଡି ପୋଲିସ୍ ସୋମବାର ସକାଳେ ତଦନ୍ତ କରିବା ସହିତ ଅଟାସପୁର ଝାଉଁ ଜଙ୍ଗଲରୁ ତାଙ୍କ ରକ୍ତଭିଜା ସାର୍ଟ ଜବତ କରିଥିଲା। ଅପରାହ୍ନରେ ମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ମାରି ଘରକୁ ଫେରୁଥିବା ବେଳେ ଅଟାସପୁର ସ୍ଥିତ ବଡ଼ଧନା ନିକଟସ୍ଥ ସମୁଦ୍ର କୂଳଠାରୁ ୧ କି.ମି. ଦୂର ବାଲିରେ ଜୟନ୍ତଙ୍କ ମୃତଦେହ ପୋତା ଯାଇଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖନ୍ତାପଡ଼ା ଥାନା ଆଇଆଇସି ପରେଶ୍ ରାଉତ ଓ ଗୋପାଳପୁର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଜୟନ୍ତଙ୍କ ଦୁଇହାତ ଓ ଗୋଡ଼ ବନ୍ଧାଯାଇ ଥିବା ସହିତ ପଛପଟୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇ ଥିବା ଦେଖିବାକୁ ମିଳିଛି ।

# ଆନ୍ତଃ ଜିଲା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ: ବଡ଼ଚଣା ସେମିରେ

**ଭଣ୍ଡାରିପୋଖରୀ,୨୫।୧(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ଖେଳପଡ଼ିଆରେ ଚାଲିଥିବା ଆନ୍ତଃ ଜିଲା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୨ୟ କ୍ୱାର୍ଟର ମ୍ୟାଚ୍‌ରେ ସୁକିନ୍ଦାର କାମୁପୋଷି ଟିମ୍‌କୁ ହରାଇ ବଡ଼ଚଣା ଟିମ୍ ସେମିକୁ ଉନ୍ନୀତ ହୋଇଛି। ବଡ଼ଚଣା ଟିମ୍ ଟସ୍ ଜିତି ସୁକିନ୍ଦା ଟିମ୍‌କୁ ବ୍ୟାଟିଂ ଦେଇଥିଲା। ସୁକିନ୍ଦା ଟିମ୍ ୧୮ ଓଭରରେ ୧୪୧ ରନ୍ କରିଥିଲା। ଜବାବରେ ବଡ଼ଚଣା ଟିମ୍ ୧୪ ଓଭରରେ ୧୪୨ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବଡ଼ଚଣା ଟିମ୍‌ର ଦିଲୀପ ରାଉତଙ୍କୁ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ସାହୁ ପୁରସ୍କୃତ କରିଥିଲେ। ଶରତ ଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ଦାସ ଅମ୍ପାୟାର ଏବଂ ଶୋଭନ ଶଙ୍ଖୁଆ, ଜ୍ୟୋତିରଞ୍ଜନ ଚନ୍ଦ ସ୍କୋରର ଥିଲେ। ପ୍ରଦୀପ ଜେନା ଓ ପ୍ରତ୍ୟୁଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ତୃତୀୟ କ୍ୱାର୍ଟର ମ୍ୟାଚ୍ ଧବଳଗିରି କ୍ରିକେଟ କ୍ଲବ ଯାଜପୁର ସହିତ ବଡ଼ମ୍ବା କ୍ରିକେଟ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ।

# ମତଦାତା ଦିବସରେ ଶପଥ ନେଲେ ଅଧିକାରୀ




ମତଦାତା ଦିବସରେ ଜିଲାପାଳ ଓ ଅନ୍ୟାନ୍ୟ ପଦାଧିକାରୀ ଶପଥପାଠ କରୁଛନ୍ତି।

**ବାରିପଦା ଅଫିସ, ୨୫।୧**

ମୟୂରଭଞ୍ଜ ଜିଲାପାଳଙ୍କ ଫେସିଲିଟେସନ ସମ୍ମିଳନୀ କକ୍ଷରେ ୧୧ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଓ ପ୍ରକାଶ ଚନ୍ଦ୍ର ବେହେରା, ସଦର ଉପଜିଲାପାଳ ପି ଅନ୍ୱେଷା ରେଡ୍ଡୀ ଯୋଗ ଦେଇଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ସନ୍ଧ୍ୟାଞ୍ଜଳି ମାଝୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉପସ୍ଥିତ ସମସ୍ତ ପଦାଧିକାରୀ ଓ କର୍ମଚାରୀଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିବା ସହିତ ଭାରତର ନାଗରିକ ବୃନ୍ଦ, ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ସମସ୍ତେ ଶପଥ ନେଇଥିଲେ। ନିଜ ଦେଶର ଗଣତାନ୍ତ୍ରିକ ପଦ ମର୍ଯ୍ୟାଦା ବଜାୟ ରଖିବା, ମୁକ୍ତ ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ଭାବେ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜର ମତାଧିକାରର ପ୍ରୟୋଗ କରିବୁ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ଇ-ଭୋଟର ପରିଚୟପତ୍ର ବଣ୍ଟନ କରାଯାଇଥିଲା। ନିର୍ବାଚନ ପରିଚାଳନାରେ ଉତ୍ତମ ପ୍ରଦର୍ଶନ କରିଥିବା ବିଏଲଓଙ୍କୁ ସଫଳତାର ପ୍ରମାଣପତ୍ର ବଣ୍ଟନ କରାଯାଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ ଜଣାଇଛନ୍ତି ।

# ଡାକ କର୍ମଚାରୀ ସଂଘର ସମ୍ମିଳନୀ

**ଭଦ୍ରକ ଅଫିସ,୨୫।୧**

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ସଙ୍ଗଠନ, ଭାରତୀୟ ଡାକ କର୍ମଚାରୀ ସଂଘର ମିଳିତ ସମ୍ମିଳନୀ ଭଦ୍ରକ ମୁଖ୍ୟ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଡାକ କର୍ମଚାରୀ ସଂଘର ରାଜ୍ୟ ସଭାପତି ରବୀନ୍ଦ୍ରନାଥ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦେଶ ଓ ରାଜ୍ୟର ବହୁ ଶ୍ରମିକନେତା ଯୋଗ ଦେଇଥିଲେ। ଜିଲା ସଭାପତି ମନୋଜ କୁମାର ବସନ୍ତରାୟ ସଭାକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ଡାକ ମଣ୍ଡଳର ସୁପରିଟେଣ୍ଡେଣ୍ଟ ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଚାରୀମାନଙ୍କ ସମସ୍ୟାର ସମାଧାନରେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମୀଣ ଡାକ କର୍ମଚାରୀ ସଂଘର କେନ୍ଦ୍ରୀୟ ସମ୍ପାଦକ ସୁଗନ୍ଧି କୁମାର ମିଶ୍ର ମୁଖ୍ୟବକ୍ତା ଓ ତୃତୀୟ ଶ୍ରେଣୀ ସଂଘର ରାଜ୍ୟ ସମ୍ପାଦକ ରାଜକିଶୋର ମହାପାତ୍ର ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଗ୍ରାମୀଣ ଡାକ ସେବକମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ତୃତୀୟ ଶ୍ରେଣୀ ସଂଘ ଭଦ୍ରକର ସମ୍ପାଦକ ଶୋଭନ କୁମାର ମହାନ୍ତି, ପୋଷ୍ଟମ୍ୟାନ ସଂଘର ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପଣ୍ଡା, ଗ୍ରାମୀଣ ଡାକ କର୍ମଚାରୀ ସଂଘର ସମ୍ପାଦକ ଦେବାଶିଷ ଦାସ ସେମାନଙ୍କର ବାର୍ଷିକ ବିବରଣୀ ଉପସ୍ଥାପନ ସହ କର୍ମଚାରୀମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ।




ସମ୍ମିଳନୀରେ ଉପସ୍ଥିତ ଅତିଥି।

# ଜଙ୍ଗଲରୁ ମୁଣ୍ଡବିହୀନ ମୃତଦେହ ଜବତ

**ପାଟଣା,୨୫।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ଉଦୟପୁର ରାସ୍ତାରେ ଥିବା ସିଲିଦା ଗ୍ରାମ ୟୁକାଲିପଟାସ ଜଙ୍ଗଲ ମଧ୍ୟରୁ ସୋମବାର ସକାଳୁ ଏକ ମୁଣ୍ଡ ବିହୀନ ଗଳିତ ଉଲଗ୍ନ ମୃତଦେହକୁ ସ୍ଥାନୀୟ ଲୋକ ଦେଖି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଛନ୍ତି। ମୃତକଙ୍କର ପରିଚୟ ମିଳିପାରିନାହିଁ। ସୋମବାର ସକାଳୁ ଲୋକେ ଜଙ୍ଗଲକୁ କାଠିପତ୍ର ସଂଗ୍ରହକରିବାକୁ ଯାଇଥିବା ବେଳେ ଦୁର୍ଗନ୍ଧ ହେବାରୁ ଘଟଣାଟି ପଦାକୁ ଆସିଥିଲା। ମୃତଦେହର ଅନତି ଦୂରରେ ୩ଟି ସ୍ଥାନରେ ମୁଣ୍ଡର ଖପୁରୀ ପଡିଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପକ୍ଷରୁ ଥାନାଧିକାରୀ ସୁଶାନ୍ତ ମଣୀ ମହାନ୍ତି, ଏଏସଆଇ ଦିନଦୟାଲ ମୋଦି ଓ ଭରତ ଚନ୍ଦ୍ର ନାଏକ ପହଞ୍ଚି ମୃତଦେହ ଜବତ କରି ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣା ପଡୁଥିଲେ ହେଁ ଏବେ କିଛି ସ୍ପଷ୍ଟ କହିହେବ ନାହିଁ ବୋଲି ଥାନା ଅଧିକାରୀ କହିଛନ୍ତି।

# ବିଜେଡିର ବିକ୍ଷୋଭ, କୁଶ ପୁତ୍ତଳିକା ଦାହ

**ଖୁଣ୍ଟା/ଠାକୁରମୁଣ୍ଡା, ୨୫।୧(ଡି.ଏନ୍.ଏ.)**

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ କଟାକ୍ଷ କରାଯିବା ପ୍ରତିବାଦରେ ଖୁଣ୍ଟା ବିଜେଡି ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୁରୁଣାପାଣି ଛକଠାରେ ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କର କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ସିଦ୍ଧନାଥ ସାରେନ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଏଥିରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି , ପୂର୍ବତନ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ବିଜେଡି ରାଜ୍ୟ ସଂଗଠନର ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି,କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି,ପୂର୍ବତନ ନଗରପାଳ ଜିତେନ୍ଦ୍ର ମହାନ୍ତି ,ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାରାଣ୍ଡି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଗୋପବନ୍ଧୁ ନଗର ବ୍ଲକ ବିଜେଡି ପକ୍ଷରୁ ଅନୁରୂପ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ,ବ୍ଲକ ଅଧ୍ୟକ୍ଷ ସୁକେଶ୍ୱର ମଡ଼େଇ, ଛାତ୍ର ନେତା ଦିଲ୍ଲୀପ କୁମାର ମହାପାତ୍ର, ସତ୍ୟବାନ ଉପାଧ୍ୟାୟ ଓ ତପନ କୁମାର ମହାନ୍ତି ଏଥିରେ ସାମିଲ ହୋଇଥିଲେ। ସେହିପରି ଠାକୁରମୁଣ୍ଡା ବ୍ଲକ ବିଜେଡି କର୍ମୀମାନେ ମଧ ଜିଲାପରିଷଦ ଅଧ୍ୟକ୍ଷା ଓ ଏମ୍‌ପିଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ। ଠାକୁରମୁଣ୍ଡା ମା' ବାସୁଳି ମନ୍ଦିର ନିକଟରେ ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ବାରିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବସନ୍ତ କୁମାର ପାଇକର୍ତ୍ତା, ଚନ୍ଦ୍ରଶେଖର ପଣ୍ଡା, ଆର୍ତ୍ତତ୍ରାଣ ଦାସ, ପଦ୍ମଲୋଚନ ପଣ୍ଡା, ନୀତିଶ ନନ୍ଦ, ଅଲେଖ ସେଠୀଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

# ପୋଷ୍ଟ ଅଫିସରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଖଇରା,୨୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସମ୍ପେଇ ପୋଷ୍ଟ ଅଫିସରେ କେତେକ ଦୁର୍ବୃତ୍ତ ବିଳମ୍ବିତ ରାତିରେ ନିଆଁ ଲଗାଇ ଦେବା ନେଇ ସମ୍ପେଇ ପୋଷ୍ଟମାଷ୍ଟର ସସ୍ମିତା ଜେନା ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ଅଫିସ ଘର ଚାବି ଭାଙ୍ଗି କାଗଜପତ୍ର ଏବଂ ଆସବାବପତ୍ରରେ ନିଆଁ ଲଗାଇଦେଇଛନ୍ତି। ସୋମବାର ସକାଳେ ଜଣେ ତେଜରାତି ଦୋକାନୀ ପୋଷ୍ଟ ଅଫିସ ଭିତରୁ ଧୂଆଁ ବାହାରୁଥିବା ଦେଖିଥିଲେ। ପରେସେ ପୋଷ୍ଟମାଷ୍ଟରଙ୍କୁ ଏ ବିଷୟରେ ଜଣାଇଥିଲେ। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ଖବରପାଇ ଖଇରା ଥାନା ଏସ୍‌ଆଇ ବିଶ୍ୱମ୍ଭର ଚକ୍ରବର୍ତ୍ତୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# 'ଭାଲୁ ରାଜାର ବିଚାର' ଉନ୍ମୋଚିତ

**ଖଇରା, ୨୫।୧(ଡି.ଏନ.ଏ.)**

ବର୍ତ୍ତମାନ ସମାଜରେ ଶିଶୁଙ୍କ ଉପରେ ପାଠ ହେଉ ଅନ୍ୟ କିଛି ହେଉ ଶିକ୍ଷକ ଅଭିଭାବକମାନେ ଅଯଥା ବୋଝ ବା ଚାପ ଦେଉଛନ୍ତି । ଯାହା ସେହି କୋମଳମତିଙ୍କୁ ମାନସିକ ଭାବେ ଭାରାକ୍ରାନ୍ତ କରୁଛି । ଶିଶୁ କିଶୋର ଗଳ୍ପ ମାଧ୍ୟମରେ ଏଭଳି କିଛି ଉପଦେଶମୂଳକ ବାର୍ତ୍ତା ପଦାନ କରିବାକୁ ନିଜ ଗଳ୍ପ ସଙ୍କଳନ ଭାଲୁ ରାଜାର ବିଚାର ମାଧ୍ୟମରେ ପ୍ରୟାସ କରିଛନ୍ତି ବିଶିଷ୍ଟ ଶିଶୁ କବି ତଥା ଶିକ୍ଷକ ଲମ୍ବୋଦର ନନ୍ଦ । ରବିବାର ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଆୟୋଜିତ ସମାରୋହରେ ଏହି ଗଳ୍ପ ସଂକଳନକୁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଲୋକାର୍ପିତ କରିଛନ୍ତି । ପ୍ରଫେସର ଉମେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ସଭାରେ ଏବିଡିଓ ଶକ୍ତିପଦ ପାଇକରାୟ, ବିଇଓ ସୁଦର୍ଶନ ରାଉତ, ଶିଶୁ ସାହିତ୍ୟିକ ହରମୋହନ କୁଅଁର, ନିହାର ରଞ୍ଜନ କର, ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା, ଡ ବିଜୟ କୁମାର ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ପାଣିଗ୍ରାହୀ ବକ୍ତବ୍ୟରେ ସାହିତ୍ୟିକମାନଙ୍କ ଲେଖା ସମାଜ ଗଠନରେ ଲାଗିପାରିଲେ ସେମାନଙ୍କର ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ରାଉତ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ସାହିତ୍ୟ ଏକାଡେମୀ ସଦସ୍ୟ ଭରତ ଦାଶ, ଡ ସିନ୍ଧୁସେନ, ଡ. ରବୀନ୍ଦ୍ର ବିହାରୀ, ଡ. ପଦ୍ମଲୋଚନ ମହାକୁଡ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଖୁଣ୍ଟା,୨୫।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଛତୁଣୀ ଗ୍ରାମରେ ସୋମବାର ଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ବିମ୍ବାଧର ମଡ଼େଇ। ସକାଳୁ ବିମ୍ବାଧର ତେନ୍ତୁଳି ତୋଳିବା ପାଇଁ ଗଛକୁ ଚଢ଼ିଥିଲା ବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନା ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୧୧) ରୁଜୁ ହୋଇଛି।

# ଅତିରିକ୍ତ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ,୨୫।୧**

ଭଦ୍ରକ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ସଚିବ ଭାବେ ଯୋଗଦାନ କରୁଥିବାରୁ ତାଙ୍କ ସରକାରୀ ବାସଭବନରେ ସମିତି ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ଆବାହକ ସେବକ ଶରତ କୁମାର ସାହୁ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ସନ୍ଦେଇ ଶିଅଳ, ସହ ଆବାହକ ଲକ୍ଷ୍ମୀଧର ଖଟୁଆ, ସେବକ ପ୍ରଶାନ୍ତ କୁମାର ଦେ, ପ୍ରଫୁଲ୍ଲ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।



ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସମବାୟ ସମିତି ଆଗରେ ଚାଷୀଙ୍କ ଅନଶନ

**ଜଳେଶ୍ୱର, ୨୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ପାଇକସିଦା ସେବା ସମବାୟ ସମିତିରେ ମିଲରମାନଙ୍କ ମନମୁଖୀ ଧାନକିଣା ପ୍ରତିବାଦରେ ଚାଷୀମାନଙ୍କ ପକ୍ଷରୁ ସୋମବାର ଅନଶନ କରାଇଥିଲା। ଚାଷୀମାନେ ଅଭିଯୋଗ କରିଥିଲେ ଯେ, ଧାନ କିଣିବା ଲାଗି ଅନ୍‌ଲାଇନରେ ନାମ ରେଜିଷ୍ଟ୍ରେଶନ ଓ ସରକାରଙ୍କ ପକ୍ଷରୁ ଟୋକନ ବ୍ୟବସ୍ଥା କରାଯାଇଛି। ଏହି ଟୋକନର ଅବଧି ୩୦ ଦିନ ହୋଇଥିବା ବେଳେ ସମିତି ନିୟମ ଅନୁଯାୟୀ ଚାଷୀମାନେ କ୍ରମାନ୍ୱୟରେ ଧାନ ଦେଇଥାନ୍ତି। ହେଲେ ଏହି ସମିତିକୁ ସରକାରଙ୍କ ପ୍ରଦତ୍ତ ମିଲରମାନେ ଆସୁ ନ ଥିବାରୁ ସେମାନେ ଶୀତ କାକରରେ ମଣ୍ଡିରେ ପଡ଼ି ରହିବାକୁ ବାଧ ହେଉଛନ୍ତି। ଏପରିକି କେତେଜଣ ଚାଷୀଙ୍କ ଟୋକନ ତାରିଖ ଅତିବାହିତ ହୋଇଯାଇଥିବାରୁ



ଅନଶନରେ ବସିଥିବା ଚାଷୀ।

ସେମାନେ ଧାନ ବିକିବାରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ଚାଷୀମାନେ ସମିତି ଆଗରେ ଅନଶନ କରି ବସି ରହିଥିଲେ। ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଓ ଯୋଗାଣ ବିଭାଗ ଏମ୍‌ଆଇ ସୀତାକାନ୍ତ ରାଉତ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଅନଶନ ଭାଙ୍ଗିଥିଲେ। ଆସନ୍ତା ବୁଧବାର ସୁଦ୍ଧା ଅଧିକ ଧାନକିଣା ଟାର୍ଗେଟ ଓ ମିଲରମାନେ ଧାନ କିଣିବାକୁ ନ ଆସିଲେ ପୁଣି ଧର୍ମଘଟ କରିବେ ବୋଲି ଅନନ୍ତ ରାଉଳ, ରାମାନାଥ ଗିରି, ରାଜକୁମାର ରାଉତ, ଅକ୍ଷୟ ରଣା, ରାଧାଶ୍ୟାମ ଜେନା, ଗୌରାଙ୍ଗ ନାୟକ, ଦିଲୀପ କୁମାର ଦେ, ଶ୍ରୀଧର ବେହେରା, ବିଦ୍ୟାଧର ସେନାପତି, ଚିନ୍ତାମଣି ବେହେରା, ଜଗବନ୍ଧୁ ଜେନା ପ୍ରମୁଖ ଚାଷୀ ଏକ ଲିଖିତ ଚେତାବନୀ ଦେଇଛନ୍ତି।

